ସୁପର ଫସ୍‌ଫେଟ୍ ୧୫ କି.ଗ୍ରା ପ୍ରତି ହେକ୍ଟର ପ୍ରୟୋଗ କରିବା ଉଚିତ୍ । ଏହି ପରିମାଣ ପ୍ରୟୋଗ ଜଳରେ ସ୍ୱଚ୍ଛତା ଗୁଣାତ୍ମକ ମାନ ୪୦ ସେ.ମି. ରୁ ଅଧିକ ଥିଲେ ଏହା କମ୍ କରିବା ସହ ଜଳରେ ପ୍ଲବକ ସଂଖ୍ୟାର ବୃଦ୍ଧି ଘଟାଇଥାଏ ।

- ପୋଖରୀରେ ଜୈବିକ ସାର ଓ ରାସାୟନିକ ସାର ଗୋଟିଏ ସପ୍ତାହ ବ୍ୟବଧାନରେ ପ୍ରୟୋଗ କଲେ ପ୍ରାକୃତିକ ଖାଦ୍ୟ ମହଜୁଦ୍‌କୁ ଅକ୍ଷୁର୍ଣ୍ଣ ରଖିବାରେ ସମ୍ଭବ ହୋଇଥାଏ ।

## ଜଳର ଗୁଣାତ୍ମକମାନ ପରିଚାଳନା

- ଜଳ ସ୍ୱଚ୍ଛତା (ଦିଶୁଥିବା ଅଂଶ) ଏବଂ ରଙ୍ଗରୁ ପ୍ରାରମ୍ଭିକ ଭାବେ ଦେଖି ପୋଖରୀ ପରିବେଶ ଓ ସ୍ୱାସ୍ଥ୍ୟକୁ ଅନୁମାନ କରିହେବ । ଏକ ଅନୁତ୍ପାଦୀ ପୋଖରୀକୁ ଖାଲି ଆଖିରେ ତଳସ୍ତର ଯାଏଁ ସହଜରେ ଦୃଶ୍ୟମାନ ହୋଇଥାଏ ଯାହା ନିମ୍ନ ସ୍ତର ଶୈବାଳ ବୃଦ୍ଧିରେ ସାହାଯ୍ୟ କରିବା ସହ ପରୋକ୍ଷରେ ଚିଙ୍ଗୁଡି ବୃଦ୍ଧି ଓ ବଞ୍ଚି ରହିବା ସଂଖ୍ୟାକୁ ପ୍ରଭାବିତ କରିଥାଏ ।
- ସାଧାରଣରେ ଜଳର ସ୍ୱଚ୍ଛତାକୁ ସବୁ ସମୟରେ ୩୦-୪୦ ସେ.ମି. ମଧ୍ୟରେ ରକ୍ଷଣାବେକ୍ଷଣ କଲେ ଜଳ ଗୁଣାତ୍ମକ ମାନ ହ୍ରାସକୁ ରୋକା ଯାଇପାରିବ ।
- ବାୟୁ ସଂଚରକ ଯନ୍ତ୍ର (ଏରେଟର) ଚିଙ୍ଗୁଡି ପାଳନର ଶେଷ ୨-୩ ମାସ ବ୍ୟବହାର କଲେ ରହିଥିବା ଜୀବ ସମୁଦାୟଙ୍କୁ ସହାୟକ ହୋଇଥାଏ ।
- ପୋଖରୀରେ ଅମ୍ଳଜାନ ପରିମାଣ କମ୍ ହେବା ପରିପେକ୍ଷୀରେ (୩ ପି.ପି.ଏମ୍‌ରୁ କମ୍) ଚିଙ୍ଗୁଡି ଉପରସ୍ତର ବା ହୁଡା ପାଖରେ ବୁଲିବାର ଦେଖା ଯାଇଥାନ୍ତି । ପ୍ରତିକାର ଉପାୟ ଭାବେ ୨ ଫୁଟ୍ ଜଳସ୍ତର ନିଷ୍କାସନ ସହ ନୂତନ ସ୍ୱଚ୍ଛ ମଧୁର ଜଳ ପ୍ରୟୋଗ ବା ବାୟୁ ସଂଚରକ ଯନ୍ତ୍ର ବ୍ୟବହାର ଚିଙ୍ଗୁଡି ମୃତ୍ୟୁହାରକୁ କମ୍ କରିଥାଏ ।



- ବାୟୁ ସଂଚରକ ଯନ୍ତ୍ରର ବ୍ୟବହାର ସକାଳ ସମୟ ବା ମେଘାଚ୍ଛନ୍ନ ବା କୁହୁଡିଆ ଶୀତ ଦିନ ମାନଙ୍କରେ ଜଳରେ ଅମ୍ଳଜାନର ପରିମାଣ ବୃଦ୍ଧିରେ ସାହାଯ୍ୟ କରିଥାଏ ।
- ଚିଙ୍ଗୁଡି ବର୍ଦ୍ଧନ ସମୟ (୬-୮ ମାସ) ମଧ୍ୟରେ ଜଳର ଗୁଣାତ୍ମକମାନ ଅତି କମ୍‌ରେ (ଅମ୍ଳଜାନ ୪ ପି.ପି.ଏମ୍‌ରୁ ଅଧିକ, ପି.ଏଚ୍. ୭-୮, କ୍ଷାରୀୟତା ୬୦-୧୦୦ ପି.ପି.ଏମ ଏବଂ ସ୍ୱଚ୍ଛତା ୩୦-୪୦ ସେ.ମି.) ହେବା ନିହାତି ଦରକାର ।

## ଖାଦ୍ୟ ପରିଚାଳନା

- ଚିଙ୍ଗୁଡି ପୋଖରୀ ତଳ ସ୍ତରରେ ଥିବା ପ୍ରାକୃତିକ ଛୋଟ ପ୍ରାଣୀ ଯଥା କୃମି, କୀଟ ପତଙ୍ଗ ଧ୍ୱଂସାବଶେଷକୁ, ପ୍ରାଥମିକ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ଶୁଖୁଆ ମିଶ୍ରିତ ବ୍ୟବସାୟିକ ଖାଦ୍ୟକୁ ମଧ୍ୟ ଖାଇଥାନ୍ତି । ଯଦି କୌଣସି କାରଣରୁ ଖାଦ୍ୟ ଅଭାବ ହୁଏ ତେବେ ଖୋଳପା ଛଡା ଦୁର୍ବଳ ଚିଙ୍ଗୁଡିକୁ ଅନ୍ୟ ଚିଙ୍ଗୁଡି ଖାଇ ଦେଇ ଥାଆନ୍ତି, ଫଳରେ ଉତ୍ପାଦନ କମ୍ ହୋଇଥାଏ ।
- ପ୍ରତ୍ୟେକ ଦିନ ପାଳିତ ଚିଙ୍ଗୁଡିକୁ ବ୍ୟବସାୟିକ ବୁଡା ଖାଦ୍ୟ (୨-୩ ମି.ମି. ଆକାର) ଦୁଇବେଳା ଦେବାକୁ ପରାମର୍ଶ ଦିଆଯାଇଥାଏ । ଏହି ହାର ପାଳିତ ଚିଙ୍ଗୁଡି ସମୂହ ଓଜନର ପାଞ୍ଚ ରୁ ଛଅ ପ୍ରତିଶତରୁ ଆରମ୍ଭ କରି ପାଳନ ଶେଷ ପର୍ଯ୍ୟନ୍ତ ଦୁଇ ପ୍ରତିଶତକୁ ଧୀରେ-ଧୀରେ କମାଇବା ଉଚିତ୍ ।
- ପୋଖରୀ ହୁଡାରୁ ଖାଦ୍ୟକୁ ଚାରିଆଡକୁ ବିଞ୍ଚି ଫୋପାଡିବା ଆବଶ୍ୟକ । ସୂଚରୁ ରୂପେ ଖାଦ୍ୟ ପରିଚାଳନା ଓ ଆକଳନ ପାଇଁ ପାଣି ଭିତରେ ୨-୩ ମିଟର ଦୂରତାରେ ଚେକ ଟ୍ରେ ଦେଇ ନିର୍ଦ୍ଦିଷ୍ଟ ପରିମାଣର ଚିଙ୍ଗୁଡି ଖାଦ୍ୟ ଦିଆଯାଇଥାଏ ।
- ଯେଉଁଠାରେ ବ୍ୟବସାୟିକ ଖାଦ୍ୟ ଉପଲବ୍ଧ ନଥାଏ, ବାଦାମ କିମ୍ବା ସୋରିଷ ପିଡିଆ ଓ ଧାନ କାଣ୍ଡିଆ କୁଣ୍ଡା ସମାନ ଅନୁପାତରେ ଅଳ୍ପ ପାଣିରେ ମିଶ୍ରଣ କରି ପ୍ଲାଷ୍ଟିକ୍ ଥଳିରେ ପୋଖରୀ ପାଣି ଭିତରେ ଝୁଲାଇ ବାନ୍ଧି ଦିଆଯାଇଥାଏ । ଏହା ମାଛ ଓ ଚିଙ୍ଗୁଡି ଉଭୟଙ୍କର ଖାଦ୍ୟ ହୋଇଥାଏ ।
- ମିଶ୍ରିତ ମାଛ ଓ ଚିଙ୍ଗୁଡି ଚାଷ କରୁଥିଲେ କେବଳ ମାଛ ଖାଦ୍ୟ ପ୍ରୟୋଗ କରିବା ଆବଶ୍ୟକ । ଚିଙ୍ଗୁଡି ବଳକା ବୁଡି ଯାଇଥିବା ଖାଦ୍ୟ ପୋଖରୀ ମାଟି ଉପର ସ୍ତରରୁ ଖାଦ୍ୟ ସଂଗ୍ରହ କରିଥାନ୍ତି ।
- ଶୀତ ଓ ମେଘାଚ୍ଛନ୍ନ ଦିନ ଗୁଡିକରେ ଖାଦ୍ୟ ପରିମାଣ କମ୍ କରିବା ନିହାତି ଦରକାର ।
- ପ୍ରତ୍ୟେକ ମାସରେ ଚିଙ୍ଗୁଡି ମାନଙ୍କର ଶରୀର ବୃଦ୍ଧି, ବଞ୍ଚିବା ହାର, ରୋଗ ଓ ପୁଷ୍ଟହୀନତା ଜାଣିବା ପାଇଁ ପୋଖରୀରେ ଜାଲ ପକାଇ ପାଳିତ ମାନଙ୍କର ନମୁନା ନେବା ସହ ବୃଦ୍ଧି ଅନୁସାରେ ଚଳିତ ମାସର ପ୍ରତ୍ୟେକ ଦିନର ଖାଦ୍ୟ ଦେବା ପରିମାଣ ନିର୍ଦ୍ଧାରଣ କରିବା ଆବଶ୍ୟକ ।

## ରୋଗ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରିଚାଳନା

- ଅସ୍ୱାସ୍ଥ୍ୟକର ପରିବେଶ ଓ କମ୍ ଜଳର ଗଭୀରତାରେ ଚିଙ୍ଗୁଡି ପାଳନ, ଅତ୍ୟଧିକ ଚିଙ୍ଗୁଡି ଜାଆଁଳ ରୋପଣ, ଆବଶ୍ୟକତା ତୁଳନାରେ ଅତ୍ୟଧିକ ବା କମ୍ ଖାଦ୍ୟ ପ୍ରୟୋଗ ଏବଂ ପୋଖରୀ ତଳସ୍ତରରେ ଅଧିକ ପଙ୍କର ପରିମାଣ ମଧୁର ଜଳ ଗୋଲଦା ଚିଙ୍ଗୁଡି ପାଳନରେ ରୋଗ ସମସ୍ୟା ସୃଷ୍ଟି କରିଥାଏ ।
- ଖୋଳପାରେ ମାଟିଆ ବା କଳାରଙ୍ଗ ବା ଦାଗ, ଶାରୀରିକ କ୍ଷତ, କମ୍ ଖାଦ୍ୟ ଗ୍ରହଣ, ଶରୀରରେ ଦୂଷିତ ଗନ୍ଧ ପ୍ରଭୃତି ରୋଗଗ୍ରସ୍ତ ଚିଙ୍ଗୁଡିର ଲକ୍ଷଣ । ଏହି ପ୍ରକାର ଲକ୍ଷଣ ଦେଖାଗଲେ ପ୍ରାଥମିକ ଉପଚାର ଭାବେ ୩୦-୫୦ ପ୍ରତିଶତ ପୋଖରୀ ଜଳ ନିଷ୍କାସନ ଓ ପରିବର୍ତ୍ତନ, ଚିଙ୍ଗୁଡି ରୋପଣ ମାତ୍ରାରେ ହ୍ରାସ, ଜଳ ଗୁଣାତ୍ମକ ମାନ ପରୀକ୍ଷା ଏବଂ ବିଶେଷଜ୍ଞଙ୍କୁ ପରାମର୍ଶ ଦ୍ୱାରା ରୋଗଜନିତ ପ୍ରତିକୂଳ ସମସ୍ୟାର ସମାଧାନ ହୋଇପାରିବ ।

## ଚିଙ୍ଗୁଡି ଉତ୍ପାଦନ

- ଚାଷର ପାଞ୍ଚମାସ ପରେ ଯେଉଁ ଚିଙ୍ଗୁଡି କିମ୍ବା ମାଛଗୁଡିକ ବଜାର ଉପଯୋଗୀ ହୋଇଥାଏ; ସେଗୁଡିକୁ ପ୍ରତିମାସରେ ଥରେ ଜାଲ ପକାଇ ଅମଳ କରିଦେବା ଉଚିତ୍ ।
- ଏହା ଦ୍ୱାରା ପୋଖରୀରେ ମାଛ କିମ୍ବା ଚିଙ୍ଗୁଡିର ଘନତ୍ୱ କମିଯାଏ ଓ ସେମାନଙ୍କୁ ଯଥେଷ୍ଟ ଖାଦ୍ୟ ଓ ଜାଗା ବୃଦ୍ଧି ପାଇଁ ମିଳିପାରେ ।
- ଏହି ଆଂଶିକ ଅମଳ ପଦ୍ଧତି ଅବଲମ୍ବନ କଲେ ଚିଙ୍ଗୁଡି ଉତ୍ପାଦନରେ ବୃଦ୍ଧି ଘଟିଥାଏ । ଆଠ ମାସ ପରେ ସମ୍ପୂର୍ଣ୍ଣ ଚିଙ୍ଗୁଡି ଅମଳ ପାଇଁ ପୋଖରୀକୁ ଶୁଖାଇବାକୁ ପଡିଥାଏ ।
- ଏକକ ଚିଙ୍ଗୁଡି ଚାଷରେ ପ୍ରତି ବର୍ଗ ମିଟର ୩ଟି ଜାଆଁଳ ରୋପଣ କଲେ ୮ ମାସରେ ପ୍ରାୟ ହାରାହାରି ୬୦-୭୦ ଗ୍ରାମ ଓଜନର ଚିଙ୍ଗୁଡି ହୋଇଥାଏ । ଏହି ପଦ୍ଧତିରେ ୭୦-୮୦ ଶତକଡା ଚିଙ୍ଗୁଡି ଅମଳ ହୋଇ ମୋଟ ଉତ୍ପାଦନ ୧୨୦୦ ରୁ ୧୫୦୦ କି.ଗ୍ରା. ପ୍ରତି ହେକ୍ଟର ମିଳିଥାଏ ।



- ମିଶ୍ରିତ ମାଛ ଓ ଚିଙ୍ଗୁଡି ଚାଷରେ ପ୍ରାୟ ୬୦୦ ରୁ ୭୦୦ କି.ଗ୍ରା. ଚିଙ୍ଗୁଡି ଓ ପ୍ରାୟ ୫୦୦୦ କି.ଗ୍ରା. ପ୍ରତି ହେକ୍ଟର ମାଛ ଉତ୍ପାଦନ କରିହୁଏ । ମିଶ୍ରିତ ମତ୍ସ୍ୟ ଓ ଚିଙ୍ଗୁଡି ଚାଷରେ ଅଧିକ ଲାଭ ମିଳିଥାଏ ।


**ପ୍ରସ୍ତୁତ:**

ବିନ୍ଦୁ ଆର. ପିଲାଇ, କେ.ଡି. ମହାପାତ୍ର, ଡି. ପଣ୍ଡା, ବି. ମିଶ୍ର
ଏବଂ ଏସ୍. ସାହୁ



**ପ୍ରକାଶକ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- ସିଫା, ଭୁବନେଶ୍ୱର, ଓଡିଶା



**ଯୋଗାଯୋଗ:**

ନିର୍ଦ୍ଦେଶକ
ଭା.କୃ.ଅନୁ.ପ.-କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା
କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡ଼ିଶା
ଫୋନ୍-୦୬୭୪-୨୪୬୫୪୨୧/୨୪୬୫୪୪୬/୨୪୬୫୪୦୨
ଫ୍ୟାକ୍ସ-୦୬୭୪-୨୪୬୫୪୦୭, Email: director.cifa@icar.gov.in
Website: www.cifa.in



ICAR-CIFA EXTENSION SERIES NO.- 55(B)/2020


# ଅଧିକ ଉତ୍ପାଦନ ଓ ଆୟବୃଦ୍ଧି ନିମନ୍ତେ ଆନୁବଂଶୀୟ ପଦ୍ଧତିରେ ଉନ୍ନତ ଓ ବୃଦ୍ଧିଯୋଗ୍ୟ ମଧୁର ଜଳ ଚିଙ୍ଗୁଡି




ଭା.କୃ.ଅନୁ.ପ-କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା
*(ଏକ ISO 9000 : 2015 ସ୍ୱୀକୃତିପ୍ରାପ୍ତ ସଂସ୍ଥା)*
କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡ଼ିଶା

## ଉପକ୍ରମ

ବୃହତ୍କାୟ ମଧୁର ଜଳ ଚିଙ୍ଗୁଡି (ମାକ୍ରୋବ୍ରାକିୟମ୍ ରୋଜନବର୍ଗୀ) ଇଂରାଜୀ ନାମ ସ୍କାମ୍ପି, ସ୍ଥାନୀୟ ଭାବେ ଗୋଲଦା ଚିଙ୍ଗୁଡି (ପଶ୍ଚିମ ବଙ୍ଗ) ଓ ଗଜା ଚିଙ୍ଗୁଡ଼ି (ଓଡ଼ିଶା) ଦେଶୀ ପ୍ରଜାତି ଭାବେ ମତ୍ସ୍ୟଚାଷୀ ମାନଙ୍କ ମଧ୍ୟରେ ଭାରତରେ ବେଶ ଲୋକପ୍ରିୟ । ଗଜା ଚିଙ୍ଗୁଡି ସାଧାରଣତଃ ନଦୀ, କେନାଲ, ନଦୀ ମୁହାଣ ଓ ସମୁଦ୍ର ତଟ ପାଣି ଜମିଥିବା ସ୍ଥାନରେ ଦେଖା ଯାଇଥାନ୍ତି । ଏହି ପ୍ରଜାତିକୁ ମତ୍ସ୍ୟଚାଷୀ ଅଧିକ ଅମଳ, ଆୟ, ବଡ ଆକାର, ଦ୍ରୁତବୃଦ୍ଧି, ରୁଚିକର ସ୍ୱାଦ, ପ୍ରଚୁର ପୁଷ୍ଟିସାର ଓ ରପ୍ତାନୀ ଚାହିଦା ଦୃଷ୍ଟିରୁ ପାଳନ ପାଇଁ ଆଗ୍ରହୀ ହୋଇଥାନ୍ତି । ଏହି ପ୍ରଜାତି ମଧୁର ଜଳ ଆବଦ୍ଧ କ୍ଷେତ୍ର, ପୋଖରୀ ଓ ସ୍ୱଳ୍ପ ପରିମାଣ କ୍ଷାର ପାଣି ଅଂଚଳ (୭ ପି.ପି.ଟିରୁ କମ୍) ପୋଖରୀରେ ସହଜରେ ହୋଇଥାଏ । କେବଳ ଗଜା ଚିଙ୍ଗୁଡି ପାଳନ (ମୋନକଲଚର) ବା ସହବସ୍ଥାନକ୍ଷମ ଦେଶୀ ମାଛ ପ୍ରଜାତି ରୋହି, ଭାକୁର କିମ୍ବା ସିଲଭର କାର୍ପ (ରୂପାପେଟୀ) ଓ ଗ୍ରାସ୍ କାର୍ପ (ଦଳଖାଇ) ମାଛ ସହ ଚାଷ କରିବା ପାଇଁ ପରାମର୍ଶ ଦିଆଯାଇଥାଏ ।

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧିନରେ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା, କୌଶଲ୍ୟାଗଙ୍ଗ, ଖୋର୍ଦ୍ଧା ଦ୍ୱାରା ବିକଶିତ ଆନୁବଂଶୀୟ ବର୍ଗୀକରଣ ପଦ୍ଧତିରେ ଜୀନୀୟ ପୃଥିକୀକରଣ କୌଶଳ ଆଧାରରେ ବିଶ୍ୱ ମତ୍ସ୍ୟ ସଂସ୍ଥା, ପେନାଙ୍ଗ, ମାଲେସିଆ ସହ ମିଶି ଉନ୍ନତ ଓ ବୃଦ୍ଧିଯୋଗ୍ୟ ମଧୁରଜଳ ଚିଙ୍ଗୁଡି ଉତ୍ପାଦାନ କାର୍ଯ୍ୟକ୍ରମ ୨୦୦୭ ମସିହାରୁ ହାତକୁ ନିଆଯାଇଛି ।

ଗଜା ଚିଙ୍ଗୁଡି ସଫଳତାର ସହ ୨୦୧୯ ମସିହା ପର୍ଯ୍ୟନ୍ତ, ୧୧ତମ ପୈତୃକ ପିଢୀ ଜନନ ପ୍ରଜାତି ପାଳନ ସିଫା ଠାରେ ସମ୍ଭବ ହୋଇ ପାରିଛି । ଗବେଷଣା ଫଳ ସ୍ୱରୂପ ଉତ୍ତମ ବୃଦ୍ଧି ଯୋଗ୍ୟ ଚିଙ୍ଗୁଡି ଉତ୍ପାଦନ ପ୍ରତିବର୍ଷ ୭ ପ୍ରତିଶତ ଚୟନ ବୃଦ୍ଧି ବା ୭୦ ପ୍ରତିଶତ କ୍ରମବର୍ଦ୍ଧନଶୀଳ ଅମଳ ଯୋଗାଇ ପାରୁଛି । ଦୃତ ବୃଦ୍ଧି ପ୍ରଜାତି ତିନୋଟି ରାଜ୍ୟ ଗୁଜୁରାଟ, କେରଳ ଓ ଓଡିଶାରୁ ସଂଗୃହୀତ ହୋଇ ଉନ୍ନତ ଗଜା ଚିଙ୍ଗୁଡି ପ୍ରଜନନ କରାଯାଇଥିଲା । ଆନୁବଂଶୀୟ ବର୍ଗୀକରଣ ମାଧ୍ୟମରେ ପୁନରାବୃତ୍ତି ସ୍ୱରୂପ ପ୍ରତିବର୍ଷ ପୈତୃକ ପିଢୀ ଉତ୍ପାଦନ ସମ୍ଭବ ହୋଇଥାଏ । ଅନୁସନ୍ଧାନ ଫଳସ୍ୱରୂପ ପ୍ରତ୍ୟେକ ବର୍ଷ ୫୦ ରୁ ୬୦ ଉନ୍ନତ ବଂଶ ଉତ୍ପାଦିତ ଚିଙ୍ଗୁଡି ପୂର୍ବବର୍ଷ ପିଢୀରୁ ସଂଗ୍ରହ କରି ପ୍ରଜନନ କ୍ଷମ କରାଯାଇଥାଏ । ଉତ୍ପାଦିତ ପ୍ରତ୍ୟେକ ପରିବାରକୁ ଚିହ୍ନିବା ପାଇଁ ଖାଲି ଆଖିରେ ଦେଖାଯାଉଥିବା କ୍ରମିକ ସଂଖ୍ୟା ଚିହ୍ନ ପତ୍ର (ଟ୍ୟାଗ)କୁ ଚିଙ୍ଗୁଡି ଶରୀରରେ ସଂଯୋଗ କରାଯାଇଥାଏ । ଏହି ଚିହ୍ନପତ୍ର ବଂଶାବଳୀ ଆନୁବଂଶୀୟ ପ୍ରକ୍ରୀୟାର ତଥ୍ୟ ଯୋଗାଇବାରେ ସାହାଯ୍ୟ କରିଥାଏ । ଚୟନ ପ୍ରକ୍ରୀୟାରେ ପ୍ରତ୍ୟେକ ବର୍ଷ ଚିଙ୍ଗୁଡି ଜାଆଁଳ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା, କୌଶଲ୍ୟାଗଙ୍ଗ ଦ୍ୱାରା ବିଭିନ୍ନ ପ୍ରଗତିଶୀଳ ଚାଷୀଭାଇମାନଙ୍କୁ ଯୋଗାଇ ଦେବା ସହ ଉନ୍ନତ ଚାଷ ପଦ୍ଧତି ବିଷୟରେ ଅବଗତ କରାଯାଉଛି ।

## ଆନୁବଂଶୀୟ ଚୟନ ପଦ୍ଧତିରେ ବିକଶିତ ଚିଙ୍ଗୁଡି କାହିଁକି ପାଳନ କରିବା ?

- ବିନା ଚୟନ ପ୍ରକ୍ରୀୟାରେ ସଂଗୃହୀତ ଜାଆଁଳର ଅଭିବୃଦ୍ଧି ହାର କମ୍ ହୋଇଥାଏ । ଆନୁବଂଶୀୟ ଚୟନ ପଦ୍ଧତିରେ ପ୍ରସ୍ତୁତ ଜାଆଁଳ ୬୦-୭୦ ପ୍ରତିଶତ ଅଧିକ ବୃଦ୍ଧି ସହ ଉତ୍ପାଦନ ହାର, ଲାଭର ପରିମାଣ ଏବଂ ଚିଙ୍ଗୁଡି ଚାଷୀକୁ ଅଧିକ ଆୟ ଦେବାରେ ସକ୍ଷମ ହୋଇଥାଏ ।
- ଏକା ସାଙ୍ଗରେ ସହବସ୍ଥାନକ୍ଷମ ପ୍ରଜାତି ଯଥା ରୋହି, ଭାକୁର ଓ ସିଲଭର କାର୍ପ ସହ ପାଳନ କରିହେବ ।

## ଚିଙ୍ଗୁଡି ଜାଆଁଳ ପାଇବା ସ୍ଥାନ

- ଆନୁବଂଶୀୟ ଚୟନ ପଦ୍ଧତିରେ ବିକଶିତ ଉନ୍ନତ ଜାଆଁଳ ଭା.କୃ.ଅନୁ.ପ. - ସିଫା, ଭୁବନେଶ୍ୱର ଓ ଏହା ଦ୍ୱାରା ସ୍ୱୀକୃତ ଜାଆଁଳ ଉତ୍ପାଦନ କେନ୍ଦ୍ରରେ ଉପଲବ୍ଧ ହୋଇଥାଏ । ସଂସ୍ଥା ଦ୍ୱାରା ଆବେଦନ ପତ୍ର ମାଧ୍ୟମରେ ପ୍ରଗତିଶୀଳ ଚିଙ୍ଗୁଡି ଜାଆଁଳ ଉତ୍ପାଦନ କେନ୍ଦ୍ରମାନଙ୍କୁ ଉତ୍ପାଦନ ଜ୍ଞାନ କୌଶଳ ଦେବା ପାଇଁ ପ୍ରୋତ୍ସାହନ କରାଯାଉଛି ।



## ଆନୁବଂଶୀୟ ଚୟନ ଚିଙ୍ଗୁଡି ଉତ୍ପାଦନ ଓ ଚାଷ ଭିତ୍ତିକ ଜ୍ଞାନ

- ଚିଙ୍ଗୁଡି ଚାଷ ଭିତ୍ତିକ ପଦ୍ଧତି ଆନୁବଂଶୀୟ ଚୟନ ଉନ୍ନତ ଚିଙ୍ଗୁଡି ଓ ପ୍ରାକୃତିକ ଅବସ୍ଥାରୁ ସଂଗୃହୀତ ଚିଙ୍ଗୁଡି ମଧ୍ୟରେ ବିଶେଷ ଫରକ ନଥାଏ । ଏହାର ଚାଷ ଚାଷୀଭାଇଙ୍କର ପାଖରେ ଥିବା ମାଛ ପୋଖରୀ ବା ନୂତନ ପୋଖରୀରେ କରି ହେବ ।

## ନୂତନ ପୋଖରୀ ନିର୍ମାଣ

- ଆନୁବଂଶୀୟ ଚିଙ୍ଗୁଡି ପାଳନ ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ, ଜଳର ତାପମାତ୍ରା (୨୦° ସେଣ୍ଟିଗ୍ରେଡ)ରୁ ଅଧିକ ଓ ୬-୮ ମାସ ଜଳ ସଂରକ୍ଷିତ ଜମି ନିହାତି ଆବଶ୍ୟକ ।
- ପୋଖରୀ ନିର୍ମାଣ ସ୍ଥଳରେ ଜଳର ଉପଯୁକ୍ତ ଗୁଣାତ୍ମକ ମାନ ଓ ସ୍ରୋତ (ନଦୀ, କେନାଲ, ଭୂଜଳ) ଚିଙ୍ଗୁଡି ଚାଷ ପାଇଁ ଆବଶ୍ୟକ ।
- ଜଳର ପି.ଏଚ ମାତ୍ରା ୭.୦ ରୁ ଅଧିକ ରହିବା ଅନିବାର୍ଯ୍ୟ ଅଟେ ।
- ପୋଖରୀ ତଳସ୍ତର ମାଟିର ଗଠନ ବାଲିଆ ମଟାଳ ଦୋରସାରୁ ବାଲିଆ ଦୋରସା ହେବା ବାଞ୍ଛନୀୟ ।
- ଉତ୍ତମ ପରିଚାଳନା ନିମନ୍ତେ ଆୟତାକାର ପୋଖରୀ (୦.୨-୧ ହେକ୍ଟର, ୧ ରୁ ୧.୫ ମିଟର ଜଳର ଗଭୀରତା) ହେବା ଉଚିତ୍ ।
- ପୋଖରୀରେ ଜଳ ଭର୍ତ୍ତୀ ଓ ନିଷ୍କାସନ ବ୍ୟବସ୍ଥା ରଖିଲେ ଭଲ ।
- ଚିଙ୍ଗୁଡି ଗୁଡିକୁ ଅମଳ କରିବା ପାଇଁ ପୋଖରୀରୁ ସମ୍ପୂର୍ଣ୍ଣ ଜଳ ନିଷ୍କାସନ କରିବାକୁ ହୁଏ । ଯେଉଁ ଛୋଟ ପୋଖରୀଗୁଡିକରେ ସହଜରେ ଜଳ ଭର୍ତ୍ତୀ ଓ ନିଷ୍କାସନ କରାଯାଇପାରେ, ସେହି ପୋଖରୀ ଚିଙ୍ଗୁଡି ଚାଷ ପାଇଁ ଉପଯୁକ୍ତ ଅଟେ ।

## ପୋଖରୀ ପ୍ରସ୍ତୁତି

- ଉତ୍ତମ ଜଳ ନିଷ୍କାସିତ ପୋଖରୀ ଗୁଡିକୁ ପୁରାମାତ୍ରାରେ ଶୁଖାଇ ଏକ ସପ୍ତାହ ଯାଏଁ ସୂର୍ଯ୍ୟ କିରଣରେ ଛାଡିବା ଉଚିତ୍ । ପୋଖରୀରେ ଜଳ ନିଷ୍କାସନ ସୁବିଧା ନଥିଲେ ମହୁଲ ପିଡିଆ ୨୫୦୦ କି.ଗ୍ରା / ହେ. / ମି. ବା ବ୍ୟବସାୟିକ ବ୍ଲିଚିଙ୍ଗ ପାଉଡର (୩୦ ପ୍ରତିଶତ କ୍ଲୋରିନ ମାତ୍ରା ଥିବା) ୩୫୦ କି.ଗ୍ରା / ହେ. / ମି. ପ୍ରୟୋଗ କରିବା ଆବଶ୍ୟକ । ଜାଆଁଳ ଛାଡିବା ନିଷ୍ପତିର ୩ ସପ୍ତାହ ପୂର୍ବରୁ ପୋଖରୀ ବିଶୁଦ୍ଧକରଣ କାର୍ଯ୍ୟ କରିବା ଉଚିତ୍ ।



- ଶୁଖିଲା ପୋଖରୀ ମାଟିର ପି.ଏଚ. ଗୁଣାତ୍ମକ ମାନ ପରୀକ୍ଷା ସହ ଯଦି ପି.ଏଚ୍. ମାତ୍ରା ୭.୦ ଥାଏ ତେବେ ପୋଖରୀରେ ହେକ୍ଟର ପିଛା ୨୦୦ କି.ଗ୍ରା. ଚୂନ ପ୍ରୟୋଗ କରାଯାଇଥାଏ । ଯଦି ପି.ଏଚ୍‌ର ଗୁଣାତ୍ମକ ମାନ ୭ରୁ କମ୍ ଥାଏ ତେବେ ଚୂନ ଅଧିକ ପ୍ରୟୋଗ କରିବା ଉଚିତ୍ ।
- ପ୍ରୟୋଗ ମଧୁର ଜଳକୁ ଭଲ ଭାବେ ଛାଣି ପୋଖରୀରେ ୧.୦ ମିଟର ଯାଏଁ ନର୍ସରୀ ବା ଜାଆଁଳ ପୋଖରୀ ଓ ୧.୫ ମିଟର ପର୍ଯ୍ୟନ୍ତ ଚିଙ୍ଗୁଡି ପାଳନ ପୋଖରୀରେ ପୂରାହେବା ଉଚିତ୍ ।
- ଏକ ହେକ୍ଟର ପୋଖରୀର ପ୍ଲବକ ମାତ୍ରାକୁ ସୁପରିଚାଳନା ପାଇଁ ଜୈବିକ ସାର ୨୫୦ କି.ଗ୍ରା. ବାଦାମ ପିଡିଆ, ଗାଈ ଗୋବର ୭୦ କି.ଗ୍ରା. ଓ ରାସାୟନିକ ସାର ସିଙ୍ଗଲ ସୁପର ଫସଫେଟ ୧୭ କି.ଗ୍ରା. ମିଶ୍ରଣ କରି ପୃଥକ - ପୃଥକ ଭାବେ ପୋଖରୀରେ ଦେବା ଆବଶ୍ୟକ ।
- ଜାଆଁଳ ଛାଡିବାର ଦୁଇ-ତିନି ପୂର୍ବରୁ ପୋଖରୀ ଜଳର ପ୍ରାଥମିକ ଉପଚାର ହିସାବରେ ପୂର୍ବ ଉଲ୍ଲିଖିତ ପିଡିଆ, ଗୋବର ଓ ସୁପର ଫସ୍‌ଫେଟର ଅଧା ପରିମାଣରେ ପାଣି ମିଶ୍ରଣ କରି ମଣ୍ଡକୁ ପୋଖରୀରେ ପ୍ରୟୋଗ କରିବା ଦରକାର । ବାକି ଅଧା ପରିମାଣକୁ ପୁନଶ୍ଚ ଜାଆଁଳ ଛାଡିବାର ପାଞ୍ଚ ଦିନ ପରେ ପ୍ରୟୋଗ କରାଯାଏ ।
- ଚିଙ୍ଗୁଡି ପ୍ରତି ମାସରେ ଅତି କମ୍‌ରେ ଥରେ ନିଜ ଉପର ବକଳ ଛଡାଇଥାନ୍ତି । ଏହି ସମୟରେ ସେମାନଙ୍କ ଶରୀର ବହୁତ ନରମ ଓ କୋମଳ ହେତୁ ଅନ୍ୟ ଚିଙ୍ଗୁଡି ଖାଇ ଦେବାର ଭୟ ଥାଏ । ଚିଙ୍ଗୁଡି ଲୁଚି ରହିବା ପାଇଁ ଆଶ୍ରୟ ବ୍ୟବସ୍ଥା ହିସାବରେ ତାଳ ବରଡା, ଭଙ୍ଗା ପ୍ଲାଷ୍ଟିକ ପାଇପ୍, ସିମେଣ୍ଟ ପାଇପ୍ କିମ୍ବା ପୋଡା ମାଟି ପାଇପ୍ (୪ ଇଞ୍ଚ ବ୍ୟାସାର୍ଦ୍ଧ ଓ ୧.୫ ଫୁଟ ଲମ୍ୱ) ବ୍ୟବହାର କରିବା ଉଚିତ୍ । ଏହା ଚିଙ୍ଗୁଡିକୁ ଲୁଚିବା ପାଇଁ ଜାଗା ସୃଷ୍ଟି କରିଥାଏ ।
- ପୋଖରୀ ଉପରେ ନାଇଲନ ଜାଲ ବା ପ୍ଲାଷ୍ଟିକ ପତଳା ସୁତା ବାନ୍ଧି ବାହ୍ୟ ଶିକାରୀ ପକ୍ଷୀ ଯେପରି ପାଣି କୂଆ ଠାରୁ ରକ୍ଷା କରାଯାଇ ପାରିବ ।



## ନର୍ସରୀ ପୋଖରୀ ପରିଚାଳନା

- ନର୍ସରୀ ପୋଖରୀ ପ୍ରସ୍ତୁତ ହେବାର ଦୁଇ ସପ୍ତାହ ପରେ ଆନୁବଂଶୀୟ ପଦ୍ଧତିରେ ବିକଶିତ ପ୍ରଜନନ କେନ୍ଦ୍ରରୁ ବଛା ଜାଆଁଳ (୧୫-୨୦ ମି.ମି.) କିଣି ଛାଡିବା ଆବଶ୍ୟକ । ପୋଖରୀରେ ଛାଡିବା ପୂର୍ବରୁ ଜାଆଁଳ ନେଇଥିବା ପ୍ଲାଷ୍ଟିକ ପଲିଥିନ୍‌କୁ ଜଳରେ କିଛି ସମୟ ରଖି ଛାଡିବା ଉଚିତ୍ ।
- ଛୋଟ ପୋଖରୀ, ସିମେଣ୍ଟ ଟାଙ୍କି ବା ନାଇଲନ୍ ହାପା ବ୍ୟବହାର ଜାଆଁଳ ବଢାଇବା ପାଇଁ କରାଯାଇପାରେ । ନର୍ସରୀ ପୋଖରୀ ଆକାର ସାଧାରଣତଃ ୨୦୦ରୁ ୧୦୦୦ ବର୍ଗମିଟର ଏବଂ ଗଭୀରତା ୧ ମିଟର ହେବା ଉଚିତ । ପ୍ରତି ବର୍ଗମିଟର ୫୦-୧୦୦ ଜାଆଁଳ ନର୍ସରୀ ପୋଖରୀ/ ଟାଙ୍କି/ ହାପାରେ ଛାଡିବା ପାଇଁ ପରାମର୍ଶ ଦିଆଯାଇଥାଏ ।



- ସିମେଣ୍ଟ ଟାଙ୍କି ବା ହାପାରେ ଜାଆଁଳ ରଖିଲେ ସାପ୍ତାହିକ ଜଳ ପରିବର୍ତ୍ତନ, ଦୁଇ ସାପ୍ତାହିକ ହାପା ପରିବର୍ତ୍ତନ ଓ ବାୟୁ ସଂଚାଳନର ବ୍ୟବସ୍ଥା ରହିବା ଆବଶ୍ୟକ ।
- ପୋଖରୀ କ୍ଷେତ୍ରକୁ ୧୦ ପ୍ରତିଶତ ଭାସମାନ ଦଳ ଦ୍ୱାରା ଏକ ପିଭିସି ଫ୍ରେମ୍‌ରେ ଆଚ୍ଛାଦିତ କଲେ ଚିଙ୍ଗୁଡି ମାନଙ୍କୁ ଛାଇ ମିଳିବା ସହ ଆଶ୍ରୟ ମିଳିଥାଏ ।
- ବ୍ୟବସାୟିକ ଭାବେ ଉପଲବ୍ଧ ଚିଙ୍ଗୁଡି ଗୁଣ୍ଡ ଖାଦ୍ୟ, ଜାଆଁଳ ଭଲ ବଢିବା ଓ ବଞ୍ଚିବା ପରିମାଣ ବୃଦ୍ଧି ପାଇଁ ବ୍ୟବହାର କରିବା ଉଚିତ୍ । ପୋଖରୀରେ ପାଳିତ ଚିଙ୍ଗୁଡିର ଓଜନ ଅନୁସାରେ ପ୍ରତିଦିନ ୧୦୦ ପ୍ରତିଶତ ଖାଦ୍ୟରୁ ଆରମ୍ଭ କରି (ପ୍ରଥମ ଦୁଇ ସପ୍ତାହ) ଦେବା ସହ ଶେଷ ସପ୍ତାହ ବେଳକୁ ୨୦ ପ୍ରତିଶତ ଖାଦ୍ୟ ଦେବା ଆବଶ୍ୟକ । ଯଦି ଚାଷୀ ଭାଇଙ୍କର ପାଳନ ସ୍ଥାନରେ ବ୍ୟବସାୟିକ ଖାଦ୍ୟ ଉପଲବ୍ଧ ନଥାଏ ତେବେ ବାଦାମ ପିଡିଆ ଓ ଧାନ କାଣ୍ଡିଆ କୁଣ୍ଡା ସହ କିଛି ଶୁଖୁଆ ଚୂରା ମିଶ୍ରଣ କରି ପାଳିତ ଚିଙ୍ଗୁଡିକୁ ଖାଦ୍ୟ ରୂପେ ଦିଆଯାଇ ପାରେ ।
- ସଠିକ୍ ଭାବେ ଚିଙ୍ଗୁଡି ଖାଦ୍ୟ ପ୍ରଦାନ, ଜଳର ଗୁଣାତ୍ମକ ମାନ ରକ୍ଷା ଓ ନର୍ସରୀ ପୋଖରୀର ସୁପରିଚାଳନା କଲେ ୪୫ ରୁ ୬୦ ଦିନରେ ଜାଆଁଳ ବଢି ୨-୫ ଗ୍ରାମ ପହଁଚିବା ସହ ୭୫-୮୦ ପ୍ରତିଶତ ଅମଳ ମିଳିଥାଏ ।

## ବଡ ଚିଙ୍ଗୁଡି କ୍ଷେତ୍ର ପରିଚାଳନା

- ୨-୫ ଗ୍ରାମ ଆକାର ଚିଙ୍ଗୁଡିକୁ ନର୍ସରୀରୁ ବାହାର କରି ସୂଚାରୁ ରୂପେ ତିଆରି ବଡ ଚିଙ୍ଗୁଡି ଉତ୍ପାଦନ ପୋଖରୀରେ (୦.୨-୧.୦ ହେକ୍ଟର) ଛାଡିବା ଉଚିତ୍ ।
- ଯଦି ପୋଖରୀରେ ପୂର୍ବରୁ ମହୁଲ ପିଡିଆ କିମ୍ବା ବ୍ଲିଚିଙ୍ଗ୍ ପ୍ରୟୋଗ କରାଯାଇଥାଏ, ତେବେ ଜାଆଁଳ ଛାଡିବା ପୂର୍ବରୁ ପାଣି ପରୀକ୍ଷା କରିନେବା ଆବଶ୍ୟକ ।
- କେବଳ ଏକାକୀ ଭାବେ ଚିଙ୍ଗୁଡି ଚାଷ ପାଇଁ ହେକ୍ଟର ପିଛା ୩୦,୦୦୦ - ୪୦,୦୦୦ ଜାଆଁଳ ଛାଡି ଉତ୍ପାଦନ ନିଆଯାଇପାରେ । ମିଶ୍ରିତ ଚାଷ ପାଇଁ ୧୦,୦୦୦-୧୫,୦୦୦ ଚିଙ୍ଗୁଡି ଜାଆଁଳ ସହ ୬,୦୦୦-୭,୦୦୦ ଅଙ୍ଗୁଳିକାୟ ମାଛ ଏକ ହେକ୍ଟରରେ ଛାଡିବା ଉଚିତ୍ ।
- ମିଶ୍ରିତ ମାଛ ଓ ଚିଙ୍ଗୁଡି ଚାଷ ଦ୍ୱାରା ପୋଖରୀର ବିଭିନ୍ନ ସ୍ତରର ପ୍ରାକୃତିକ ଖାଦ୍ୟ ଉପଯୋଗ ଭଲ ଭାବେ ହୋଇଥାଏ । ଅଧିକ ଉତ୍ପାଦନ ଓ ଲାଭ ପାଇଁ ମାଛ ଓ ଚିଙ୍ଗୁଡି ମିଶ୍ରିତ ଚାଷ ପାଇଁ ପରାମର୍ଶ ଦିଆ ଯାଇଥାଏ । ଏ ପ୍ରକାର ମିଶ୍ରିତ ଚାଷରେ ରୋହି ୨ ଭାଗ ଓ ଭାକୁର ୧ ଭାଗ ରଖିବା ଉଚିତ୍ ।
- ଚିଙ୍ଗୁଡି ଓ ମାଛ ଛଡା ଯିବା ପରେ ପୋଖରୀ ଜଳର ଉର୍ବରତାକୁ ବଜାୟ ରଖିବା ପାଇଁ ପ୍ରତ୍ୟେକ ପନ୍ଦର ଦିନ ଅନ୍ତରରେ ଗୋବର ୫୦୦ କି.ଗ୍ରା, ୟୁରିଆ ୧୦ କି.ଗ୍ରା ଓ ସିଙ୍ଗଲ